**ପିତିରିରେ ଅଷ୍ଟପ୍ରହର ନାମଯଜ୍ଞ**

ପରଜଙ୍ଗ,(ନିଗମାନନ୍ଦ ଦଳବେହେରା): ପରଜଙ୍ଗ ବ୍ଲକ ପିତିରି ଗ୍ରାମରେ ୧୦ ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା ଓ ପୁରୁଷ ଗ୍ରାମ ପୋଖରୀରୁ କଳସରେ ପାଣି ଉଠାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ସହ ଦୋଳ ମଣ୍ଡପଠାରେ ସ୍ଥାପନା କରିଥିଲେ। ପରେ ଅଷ୍ଟପ୍ରହର ନାମ କୀର୍ତ୍ତନରେ ଗ୍ରାମ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଏହି ନାମଯଜ୍ଞରେ ଆଖାପାଖ ଅଞ୍ଚଳରୁ ୪୦ଟି ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ସହସ୍ରାଧିକ ସଂଖ୍ୟାରେ ଭକ୍ତମାନେ ଯୋଗଦେଇ ଅନ୍ନପ୍ରସାଦ ସେବନ କରିଥିଲେ।

# ଡିଜିଟାଲ ସ୍କିଲିଂ ଉପରେ ସଚେତନତା କାର୍ଯ୍ୟକ୍ରମ



ଡିଜିଟାଲ ସ୍କିଲିଂ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ।

ଅନୁଗୋଳ,୨୨।୧ (ମାନସ ବିଶ୍ୱାଳ)

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଡିଜିଟାଲ ସ୍କିଲିଂ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୪୫୦ରୁ ଅଧିକ ୟୁଜି ଓ ପିଜି ଛାତ୍ରୀଛାତ୍ର ଯୋଗଦେଇଥିଲେ। କଲେଜ ଅଧକ୍ଷ ଡ. ନୀଳାଞ୍ଚଳ ପଟେଲ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଡ. ପଟେଲ ଦକ୍ଷତାର ଗୁରୁତ୍ୱ ଏବଂ ଜାତୀୟ ଶିକ୍ଷାନୀତି ୨୦୨୦ ଦ୍ୱାରା ଏହାକୁ ପାଠ୍ୟକ୍ରମରେ କିପରି ସାମିଲ କରାଯାଇଛି ସେ ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ୟୁନିଟେକ୍ ଇଞ୍ଜିନିୟର୍ସର ନିର୍ଦ୍ଦେଶକ ହର୍ଷ ଆର୍ଯ୍ୟ ଏବଂ ବୈଷୟିକ ନିର୍ଦ୍ଦେଶକ ଆଞ୍ଚଲ ଆର୍ଯ୍ୟ ରିସୋର୍ସ ପର୍ସନ ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂରାଜୀ ବିଭାଗ ସହକାରୀ ପ୍ରଫେସର ଡ. ମନୋରଞ୍ଜନ ମିଶ୍ର, ରସାୟନ ବିଭାଗ ସହକାରୀ ପ୍ରଫେସର ଡ. ରାକେଶ ରଞ୍ଜନ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଆଜିଠାରୁ ତାଳଚେର ପୁସ୍ତକ ମେଳା

ତାଳଚେର,୨୨।୧ (ମନୋଜ ନନ୍ଦ)

ଜାନୁଆରୀ ୨୩ ଗୁରୁବାରଠାରୁ ୨୨ ତମ ତାଳଚେର ପୁସ୍ତକ ମେଳା ଦେଉଳବେଡ଼ା ଦୁର୍ଗାମଣ୍ଡପ ପଡ଼ିଆଠାରେ ଆରମ୍ଭ ହେବାକୁ ଯାଉଛି। ଏହି ସାରସ୍ୱତ ମେଳା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ବହି ବିକ୍ରୟ ସହିତ ଏଠାରେ ବିଭିନ୍ନ ପ୍ରକାରର ଶିକ୍ଷଣୀୟ କାର୍ଯ୍ୟକ୍ରମ ଆୟୋଜିତ ହେବ। ସନ୍ଧ୍ୟାରେ ଉଦ୍‌ଘାଟନୀ ଉତ୍ସବରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଉଦ୍‌ଘାଟକ ଭାବେ ଏବଂ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ପ୍ରଫେସର ବୈଷ୍ଣବ ଚରଣ ସାମଲ, ସମ୍ମାନିତ ଅତିଥି ଭାବେ ତାଳଚେର ନଗରପାଳ ପବିତ୍ର ଭୂତିଆ ଏବଂ ଏନ୍‌ଟିପିସି/ଟିଟିପିଏସ୍ ପ୍ରକଳ୍ପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟ ଚାନ୍ଦ ଯୋଗଦେବେ। ପ୍ରତିଦିନ ଅପରାହ୍ନ ୨ଟାରୁ ରାତ୍ରି ୯ଟା ୩୦ ଯାଏ ଏହି ପୁସ୍ତକ ମେଳା ଜନତାଙ୍କ ପାଇଁ ଖୋଲା ରହିବ ବୋଲି ତାଳଚେର ପୁସ୍ତକମେଳା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଏଚ୍‌ଡିଏଫ୍‌ସି ଲାଇଫ ପକ୍ଷରୁ ୩୫ ସ୍ପିଡ୍ ବ୍ରେକର ପ୍ରଦାନ




ଏଚ୍‌ଡିଏଫ୍‌ସି ଲାଇଫ ଅନୁଗୋଳ ଶାଖା ପକ୍ଷରୁ ସ୍ପିଡ୍ ବ୍ରେକର ପ୍ରଦାନ କରାଯାଉଛି।

ଅନୁଗୋଳ,୨୨।୧ (ମାନସ ବିଶ୍ୱାଳ)

ଅନୁଗୋଳ ସହର ମଧ୍ୟରେ ହେଉଥିବା ଦ୍ରୁତ ଗାଡ଼ି ଚାଳନକୁ ନିୟନ୍ତ୍ରଣ କରିବାରେ ସ୍ପିଡ୍ ବ୍ରେକର ବ୍ୟାରିକେଡର ଆବଶ୍ୟକତା ଅନୁଭବ କରି ଏଚ୍‌ଡିଏଫ୍‌ସି ଲାଇଫ ଅନୁଗୋଳ ଶାଖା ପକ୍ଷରୁ ବୁଧବାର ପୋଲିସକୁ ୩୫ଟି ସ୍ପିଡ୍ ବ୍ରେକର ପ୍ରଦାନ କରାଯାଇଛି। ଏଚ୍‌ଡିଏଫ୍‌ସି ଲାଇଫ ଅନୁଗୋଳ ଶାଖା ଏସିଏଚ୍ ସୁଶାନ୍ତ କୁମାର ଶତପଥୀଙ୍କ ନେତୃତ୍ୱରେ ଅନ୍ୟ ଅଧିକାରୀମାନେ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମହାଲିକଙ୍କୁ ଏହି ସ୍ପିଡ୍ ବ୍ରେକର ବ୍ୟାରିକେଡଗୁଡ଼ିକୁ ହସ୍ତାନ୍ତର କରିଥିଲେ। ଏହି ସମୟରେ ଅନୁଗୋଳ ଥାନା ଆଇଆଇସି ଧୀରଜ କୁମାର ଦାସ ଉପସ୍ଥିତ ଥିଲେ। ଦୁର୍ଘଟଣା ଆଶଙ୍କା ସ୍ଥାନଗୁଡ଼ିକରେ ଏହାର ଉପଯୋଗ କରାଗଲେ ବହୁ ଧନଜୀବନର ସୁରକ୍ଷା ହୋଇପାରିବା ସହ ସାଧାରଣ ଲୋକେ ଉପକୃତ ହୋଇପାରିବେ ବୋଲି ଏଚ୍‌ଡିଏଫ୍‌ସି ଲାଇଫ ଅନୁଗୋଳ ଶାଖା ଏସିଏଚ୍ ଶତପଥୀ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ଏମ୍ ଦେବାଶିଷ ମିଶ୍ର, ଏସ୍‌ଏମ୍ ଭବାନୀ ଶଙ୍କର ତ୍ରିପାଠୀ, ଏଏସ୍‌ଏମ୍ ଅଜିତ କୁମାର ପ୍ରଧାନ, ବିଡିଏମ୍ ଦେବେନ୍ଦ୍ର ଗଡ଼ନାୟକ, ବିଡିଏମ୍ ଜଗନ୍ନାଥ ଦାସ, ବିଡିଏମ୍ ପ୍ରଗତି ପରମିତା ଦାସ, ବିଡିଏମ୍ ସ୍ୱାଧୀନ ବେହେରା, ଅପରେଶନ ମ୍ୟାନେଜର ଶ୍ରୀଧର କର ପ୍ରମୁଖ ଉପସ୍ଥିତ ଥିଲେ।

# ୩୧୬ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ

ପବିତ୍ରନଗର,୨୨।୧(ନିରୋଜ ପ୍ରଧାନ)

କଣିହାଁ ବ୍ଲକ ପବିତ୍ରନଗର ଠାରେ ବୁଧବାର ମଧ୍ୟାହ୍ନ ୧୨ଟାରେ ୧୦ ପଞ୍ଚାୟତର ୩୧୬ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ବିତରଣ କରାଯାଇଛି। ୮୦ ବର୍ଷରୁ ଅଧିକ ବୃଦ୍ଧାବୃଦ୍ଧ ଓ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମମାନଙ୍କୁ ଏହି ଭତ୍ତା ବଣ୍ଟନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଡିଓ ଦେବଦତ୍ତ ପ୍ରଧାନ ସଭାରେ ଅଧ୍ୟକ୍ଷତା କରିଥିଲେ। ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ସାମଲ ମଞ୍ଚ ପରିଚାଳନା କରିଥିଲେ। ପରାବିଲ ସରପଞ୍ଚ କବିତାରାଣୀ ପ୍ରଧାନ, ବୁରୁକୁନା ସରପଞ୍ଚ ଦୁଃଖବନ୍ଧୁ ବେହେରା, ବିରୁ ସରପଞ୍ଚ ଧରଣୀ ବେହେରା, ବୁରୁକୁନା ସମିତି ସଭ୍ୟ ଯୁଗଳ କିଶୋର ସାହୁ ପ୍ରମୁଖ ମଞ୍ଚାସୀନ ଥିବାବେଳେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।



ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରୁଛନ୍ତି ବିଧାୟକ।

# ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ ଉପରେ ଗୁରୁତ୍ୱ




ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀମାନେ।

ଅନୁଗୋଳ,୨୨।୧ (ମାନସ ବିଶ୍ୱାଳ)

ଅନୁଗୋଳ ରେଞ୍ଜ ଫରେଷ୍ଟ ବିଶ୍ରାମ ଗୃହରେ ଏକ ଗୁରୁତ୍ୱପୂର୍ଣ୍ଣ ସଚେତନତା ଏବଂ ତାଲିମ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଡିଭିଜନର ଡିଭିଜନାଲ ଫରେଷ୍ଟ ଅଫିସର (ଡିଏଫ୍‌ଓ) ବିଦ୍ୟା ସାଗରଙ୍କ ସହିତ ଏସିଏଫ୍ କୃଷ୍ଣଚନ୍ଦ୍ର ସାହୁ, ଏସିଏଫ୍ ମୁରାରୀ ପ୍ରସାଦ ପଣ୍ଡା, ଅନୁଗୋଳ ଡିଭିଜନର ଏସିଏଫ୍ ହରମୋହନ ନାୟକ, ମନୋରଞ୍ଜନ ପରିଡ଼ା, ଜୀବବିଜ୍ଞାନୀ ଏବଂ ସ୍ନେହା ଏନ୍‌ଜିଓର କ୍ଷେତ୍ର ଅଧିକାରୀ ଅରବିନ୍ଦ ମାଝୀ ଯୋଗ ଦେଇଥିଲେ। ଏଥିରେ ଅନୁଗୋଳ ରେଞ୍ଜ କର୍ମଚାରୀ, ଗଜସାଥୀ, ଗଜମିତ୍ର ଏବଂ ସ୍ଥାନୀୟ ହାତୀ ସୁରକ୍ଷା ଦଳଙ୍କୁ ମଣିଷ-ହାତୀ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନକୁ ପ୍ରୋତ୍ସାହିତ କରିବା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ହାତୀ ପାଇଁ ସୁରକ୍ଷିତ କରିଡର ସୃଷ୍ଟି କରିବା, ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସଚେତନତା ବୃଦ୍ଧି କରିବା, ସମ୍ଭାବ୍ୟ ଦ୍ୱନ୍ଦ୍ୱକୁ ଭଲ ଭାବରେ ବୁଝିବା ଏବଂ ପରିଚାଳନା କରିବା ପାଇଁ ହାତୀର ବିଭିନ୍ନ ଆଚରଣଗତ ଗୁଣଗୁଡ଼ିକୁ ଚିହ୍ନଟ କରିବା ଉପରେ ତାଲିମ ଦିଆଯାଇଥିଲା। ସ୍ଥାନୀୟ ସମ୍ପ୍ରଦାୟ ଏବଂ ହାତୀ ଉଭୟଙ୍କ ମଙ୍ଗଳ ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ନିର୍ଦ୍ଦେଶାବଳୀ ପାଳନ କରିବା ଓ ସମସ୍ତ ଅଂଶୀଦାରଙ୍କ ମଧ୍ୟରେ ସହଯୋଗ ବୃଦ୍ଧି କରିବା ଉପରେ ଦୃଢ଼ ଗୁରୁତ୍ୱ ଦିଆଯାଇଥିଲା।

# ପାରିଶ୍ରମିକ ବୃଦ୍ଧି ନାମକୁ ମାତ୍ର

**ଅସନ୍ତୋଷ ପ୍ରକାଶ କଲା ପାଚିକା ସହାୟିକା ସଂଘ**

ଅନୁଗୋଳ,୨୨।୧(ମାନସ ବିଶ୍ୱାଳ)

ରାଜ୍ୟ ସରକାରୀ ବିଦ୍ୟାଳୟ ଗୁଡ଼ିକରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟରେ ନିୟୋଜିତ ପାଚିକା ସହାୟିକାମାନଙ୍କ ପାରିଶ୍ରମିକ ମାସିକ ୨ ହଜାର ଟଙ୍କାରୁ ୩ ହଜାର ଟଙ୍କାକୁ ବୃଦ୍ଧି ଘୋଷଣା କରିଛନ୍ତି ସରକାର। ହେଲେ ପାଚିକା-ସହାୟିକାମାନଙ୍କ କାମକୁ ଅଣଦେଖା କରି ଏହି ଦରମା ବୃଦ୍ଧି ନାମକୁ ମାତ୍ର କରାଯାଇଛି ବୋଲି ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ପକ୍ଷରୁ ବୁଧବାର ଅଭିଯୋଗ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି, ସରକାରୀ ଛୁଟି ଦିବସକୁ ଛାଡି ଅନ୍ୟ ସମସ୍ତ ଦିନରେ ଦୈନିକ ୬ ଘଣ୍ଟାରୁ ଅଧିକ ସମୟ ପାଚିକା ସହାୟିକାମାନେ ପରିଶ୍ରମ କରୁଛନ୍ତି। ହେଲେ ସରକାର ଶ୍ରମିକଙ୍କ ପାଇଁ ଘୋଷିତ ଦୈନିକ ସର୍ବନିମ୍ନ ମଜୁରି ଅନୁସାରେ ମଧ୍ୟ ପାଚିକା ସହାୟିକାମାନଙ୍କୁ ପାରିଶ୍ରମିକ ପ୍ରଦାନ ନ କରିବା, ବର୍ଷରେ ୧୨ ମାସ ପରିବର୍ତ୍ତେ ୧୦ ମାସର ପାରିଶ୍ରମିକ ପ୍ରଦାନ କରିବା ଅତ୍ୟନ୍ତ ଅନ୍ୟାୟ। ପାଚିକା ସହାୟିକାଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବା ପର୍ଯ୍ୟନ୍ତ ସରକାରଙ୍କ ଘୋଷିତ ଶ୍ରମିକଙ୍କ ପାଇଁ ଦୈନିକ ସର୍ବନିମ୍ନ ମଜୁରି ଅନୁସାରେ ପାରିଶ୍ରମିକ ପ୍ରଦାନ କରିବା, ବର୍ଷରେ ୧୦ ମାସ ପରିବର୍ତ୍ତେ ୧୨ ମାସର ପାରିଶ୍ରମିକ, ଯେଉଁ ପାଚିକା- ସହାୟିକାମାନଙ୍କୁ ୨୪ ମାସର ବକେୟା ପାରିଶ୍ରମିକ ପ୍ରଦାନ କରାଯାଇ ନାହିଁ ସେମାନଙ୍କୁ ପ୍ରଦାନ କରିବା, ବୟସ ସୀମା ୬୦ରୁ ୬୫ ବର୍ଷକୁ ବୃଦ୍ଧି କରିବା, ଅବସରକାଳୀନ ଆର୍ଥିକ ସହାୟତା, ଇପିଏଫ ଇଏସ୍‌ଆଇ ଓ ପେନସନର ବ୍ୟବସ୍ଥା କରିବା ଆଦି ଦାବି କରାଯାଇଛି। ଏ ନେଇ ଆନ୍ଦୋଳନରେ ପାଚିକା-ସହାୟିକାମାନେ ସାମିଲ ହେବା ପାଇଁ ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ସଭାପତି ବିଷ୍ଣୁ ପାସ, କାର୍ଯ୍ୟକାରୀ ସଭାପତି ଜୟସେନ ମେହେର, ସମ୍ପାଦିକା ଇତିଶ୍ରୀ ଜେନା, ଜିଲା ସଭାପତି ବ୍ରଜବନ୍ଧୁ ସାହୁ, ସମ୍ପାଦିକା ବୁଲି ବାରିକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

# ସଡ଼କ ସୁରକ୍ଷା ସଚେତନତା ରଥ ଶୁଭାରମ୍ଭ

ପାଲଲହଡ଼ା,୨୨।୧(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଠାରେ ରାଜ୍ୟ ସଡ଼କ ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ମାସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମଙ୍ଗଳବାର ପୂର୍ବାହ୍ନ ୧୦ ଘଟିକାରେ ମହତାବ ହାଇସ୍କୁଲ ଠାରୁ ଏକ ସଚେତନତା କାର୍ଯ୍ୟକ୍ରମ ଉପଜିଲାପାଳ ସୁଶାନ୍ତ କୁମାର ପତି, ମୋଟରଯାନ ନିରୀକ୍ଷକ ପ୍ରିୟବ୍ରତ ମହାନ୍ତି ଏବଂ ମହତାବ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ପ୍ରଧାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଏଥିସହ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ମଦ୍ୟପାନ କରି ଗାଡ଼ି ଚାଳନା ନ କରିବା, ଟ୍ରାଫିକ ନିୟମ ଅନୁସରଣ କରିବା, ଦୁଇ ଚକିଆ ଚଳାଇବା ବେଳେ ହେଲମେଟ ପରିଧାନ କରିବା, ଦ୍ରୁତ ଗତିରେ ଯାନ ନ ଚଳାଇବା, ଚାରି ଚକିଆ ଯାନରେ ସିଟ୍ ବେଲ୍ଟ ପିନ୍ଧିବା ଆଦି ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କର୍ମଚାରୀ କ୍ଷୀରୋଦ କୁମାର ପ୍ରଧାନ, ଦିଲୀପ କୁମାର ପାତ୍ର, ସୌଭାଗ୍ୟ ରଞ୍ଜନ ବେହେରା, ଚିନ୍ମୟ ସାହୁ ଏବଂ ଜିତେନ୍ଦ୍ର ନାୟକଙ୍କ ସହ ମହତାବ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।




ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ସଚେତନତା ଶୋଭାଯାତ୍ରା।

# କୃଷକଙ୍କ ବିକାଶ ଉପରେ ଆଲୋଚନା



କୃଷକ ମଙ୍ଗଳ ସଂଘର ବ୍ଲକସ୍ତରୀୟ ବୈଠକରେ ଉପସ୍ଥିତ ଚାଷୀମାନେ।

ବଇଣ୍ଡା, ୨୨।୧ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଲୁହାମୁଣ୍ଡା ଯାତ୍ରା ପଡିଆ ଠାରେ ବୁଧବାର କୃଷକ ମଙ୍ଗଳ ସଂଘର ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୨୩ଟି ପଞ୍ଚାୟତର କୃଷକ ଯୋଗ ଦେଇଥିଲେ। ଧର୍ମେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଞ୍ଜୟ ପ୍ରଧାନ, ନିମେଇଁ ଚରଣ ସାହୁ, ଫକୀର ସାହୁ, ଶ୍ରୀନିବାସ ବିଶ୍ୱାଳ, ଶରତ ବିଶ୍ୱାଳ, ବିରଞ୍ଚି ବିଶ୍ୱାଳ, ସଦାନନ୍ଦ ସାହୁ, ବସନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ଧାନମଣ୍ଡିରେ କଟନିଛଟନି କରାଯାଉଥିବା ନେଇ ବୈଠକରେ ଅସନ୍ତୋଷ ଦେଖାଦେଇଥିଲା। ସମସ୍ତ ସଦସ୍ୟଙ୍କ ସହମତିରେ ନୂତନ କମିଟି ଗଠନ କରାଯାଇଥିଲା।

# ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

ଛେଣ୍ଡିପଦା,୨୨।୧ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକ କୋଶଳା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଛେଣ୍ଡିପଦା ବସ୍ ମାଲିକ ସଂଘ ସହାୟତାରେ ଅନୁଗୋଳ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏ ନେଇ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏକ ସଚେତନତା ଶୋଭାଯାତ୍ରାରେ କୋଶଳା ବଜାର ପରିକ୍ରମା କରିଥିଲେ। ଏଥିରେ ଶିକ୍ଷୟିତ୍ରୀ ଶିକ୍ଷକ, ବସ୍ ମାଲିକ ସଂଘର କର୍ମକର୍ତ୍ତା, ଅନୁଗୋଳ ଆଞ୍ଚଳିକ ପରିବହନ ବିଭାଗର ଏମ୍‌ଭିଆଇ ବିଭୂରଞ୍ଜନ ନାଏକ, କନିଷ୍ଠ ଏମ୍‌ଭିଆଇ ଦିବ୍ୟଜ୍ୟୋତି ମହନ୍ତ, ଟ୍ରାଫିକ ନିରୀକ୍ଷକ ସୁମନ୍ତ ସେଠୀ, ବରିଷ୍ଠ କିରାଣି ଗଗନ ପରିଜା, ଛେଣ୍ଡିପଦା ଥାନା ଅଧିକାରୀ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ କୁଇଜ ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛେଣ୍ଡିପଦା ବସ୍ ମାଲିକ ସଂଘ ସମ୍ପାଦକ ମନୋଜ କୁମାର ଆଚାର୍ଯ୍ୟ, କୋଷାଧ୍ୟକ୍ଷ ବୁଦ୍ଧଦେବ ପ୍ରଧାନ, ବାବୁଲି ଆଚାର୍ଯ୍ୟ, ଅଜିତ କୁମାର ସାହୁ, ମାଧବ ଚନ୍ଦ୍ର ସାହୁ, ଅଜିତ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।




ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଅତିଥିମାନେ।

# କଳମଛୁଇଁରେ ଧାନମଣ୍ଡି ଉଦ୍‌ଘାଟିତ



ଅତିଥିମାନେ ଧାନମଣ୍ଡିକୁ ଉଦ୍‌ଘାଟନ କରୁଛନ୍ତି।

ତାଳଚେର,୨୨।୧(ମନୋଜ ନନ୍ଦ)

ତାଳଚେର ବ୍ଲକ କଳମଛୁଇଁ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ମଙ୍ଗଳବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ରାଜେନ୍ଦ୍ର କୁମାର ସିଂହ, ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ସମିତି ସଭାପତି ସନ୍ତୋଷ କୁମାର ପ୍ରଧାନ, ସହକାରୀ ନିବନ୍ଧକ ଅନିଲ କୁମାର ରଥ, ସହ ଯୋଗାଣ ଅଧିକାରୀ ଇତିଶ୍ରୀ ଜେନା, ଆର୍‌ଏମ୍‌ସି ସମ୍ପାଦକ ଯଦୁମଣି ନାୟକ, ସିଇଓ ପ୍ରଦୀପ ପରିଡ଼ା, ତାଳଚେର ଶାଖା ପରିଚାଳକ ମନଜିତ ମହାନ୍ତିଙ୍କ ସମେତ କୁମୁଣ୍ଡା, ଗୋପାଳପ୍ରସାଦ, ଓଆଁରା, କଳମଛୁଇଁ ପଞ୍ଚାୟତର ସରପଞ୍ଚ ପ୍ରମୁଖ ଯୋଗଦାନ କରିଥିଲେ। ମୋଟ ୩୨୬ ଚାଷୀ ନାମ ପଞ୍ଜୀକୃତ କରିଥିବା ସ୍ଥଳେ ୧୧ ହଜାର କୁଇଣ୍ଟାଲ ଧାନ କିଣାଯିବା ଲକ୍ଷ୍ୟ ରହିଛି। ଏହି ଅବସରରେ ଅତିଥିମାନେ ସମିତିର ଏକ ନୂତନ ପାଚେରି, ମୋ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କଳମଛୁଇଁ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ସରୋଜ କୁମାର ସାହୁ ପରିଚାଳନା କରିଥିବା ବେଳେ ସମିତିର ସମସ୍ତ ନିର୍ଦ୍ଦେଶିକା, ନିର୍ଦ୍ଦେଶକ ଓ କର୍ମଚାରୀ ସହଯୋଗ କରିଥିଲେ।

## ରାଜ୍ୟପାଳ ପୁରସ୍କାର ପାଇବେ କନଷ୍ଟେବଲ ଅଶ୍ୱିନୀକାନ୍ତ ସାହୁ

ଅନୁଗୋଳ,୨୨।୧ (ଜ୍ୟୋତିରଞ୍ଜନ ସାହୁ)

ଆସନ୍ତା ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ ରାଜ୍ୟପାଳ ପୁରସ୍କାର ପ୍ରଦାନ କରାଯିବ ବୋଲି ଓଡ଼ିଶା ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ଅନୁଗୋଳର ୨୦୧୩ ବ୍ୟାଚର କନଷ୍ଟେବଲ ଅଶ୍ୱିନୀକାନ୍ତ ସାହୁଙ୍କୁ ରାଜ୍ୟପାଳ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଚାକିରି କାର୍ଯ୍ୟକାଳ ଭିତରେ ଅଶ୍ୱିନୀ ନିଜ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଆସିଛନ୍ତି। ଅଶ୍ୱିନୀ ରିଜର୍ଭ ପୋଲିସରେ କନଷ୍ଟେବଲ ଭାବେ ପୋଷ୍ଟିଂ ପରେ ନିଶା ଥାନାରେ ୨ ବର୍ଷ ଓ ପରେ ୪ବର୍ଷ ଅନୁଗୋଳ ଟାଉନ ଥାନାରେ ଚାକିରି କରିଥିଲେ। ଏବେ ସେ ଅନୁଗୋଳ ସାଇବର କ୍ରାଇମ ବିଭାଗରେ କାର୍ଯ୍ୟରତ ଅଛନ୍ତି।



# ନୂତନ ବୁଥ୍, ମଣ୍ଡଳ ସଭାପତିଙ୍କୁ ସମ୍ବର୍ଦ୍ଧନା




ଜଣେ ସଭାପତିଙ୍କୁ ବିଧାୟକ ସମ୍ବର୍ଦ୍ଧନା ଦେଉଛନ୍ତି।

ପାଲଲହଡ଼ା,୨୨।୧(ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ଭାଜପା ପକ୍ଷରୁ ନୂତନ ଭାବେ ଚୟନ ହୋଇଥିବା ମଣ୍ଡଳ ଓ ବୁଥ୍‌ସ୍ତରୀୟ ସଭାପତିଙ୍କୁ ବୁଧବାର ବିଧାୟକ ଅଶୋକ ମହାନ୍ତି ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି। ପାଲଲହଡ଼ା ଇନ୍‌ଡୋର ଷ୍ଟାଡିୟମଠାରେ ପୂର୍ବତନ ମଣ୍ଡଳ ସଭପତି ଧର୍ମେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ବିଧାୟକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପାଲଲହଡା, ଖେମଲା ଓ ଖମାର ଅନ୍ତର୍ଗତ ୧୩୯ଟି ବୁଥ୍‌ର ନୂତନ ସଭାପତି ଓ ପାଲଲହଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୫ଟି ମଣ୍ଡଳ ସଭାପତିଙ୍କୁ ଚୟନ କରାଯାଇଥିବା କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଥିଲା। ପାଲଲହଡ଼ା ମଣ୍ଡଳ ସଭାପତି ଭାବେ ଆଶିଷ ସାମଲ, ଖେମଲା ମଣ୍ଡଳର ଛନ୍ଦା ଚରଣ ସାହୁ, ଖମାର ମଣ୍ଡଳର କାର୍ତ୍ତିକ ହୃଦୟ ଚନ୍ଦନ ପ୍ରଧାନ, ରେଙ୍ଗାଳୀ ମଣ୍ଡଳର ହରେକୃଷ୍ଣ ପ୍ରଧାନ ଏବଂ ପବିତ୍ରନଗର ମଣ୍ଡଳ ସଭାପତି ଭାବେ ମନୋଜ ବିଶ୍ୱାଳ ଚୟନ ହୋଇଛନ୍ତି। ବିଧାୟକ ମହାନ୍ତି ସମସ୍ତ ସଭାପତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ନେତା ଲିଙ୍ଗରାଜ ଦାସ, ତନ୍ମୟ ସାହୁ, ନୃସିଂହ ବରାଳ, ପଞ୍ଚାନନ ସାହୁ, ଗୌରଚନ୍ଦ୍ର ପ୍ରଧାନ, ପୂର୍ବତନ ଜିଲାପରିଷଦ ସଦସ୍ୟା ସୌଭାଗିନୀ ପ୍ରଧାନ, ସମିତି ସଭ୍ୟା ଗୌରୀ ହାଇବ୍ରୁ, ସରପଞ୍ଚ ଦିବ୍ୟାଭାରତୀ ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ।

**ବୃଦ୍ଧଙ୍କୁ ଆକ୍ରମଣ ଅଭିଯୋଗ**

ବଇଣ୍ଡା,(ପରିକ୍ଷିତ ସାହୁ): କିଶୋରନଗର ବ୍ଲକ ହଣ୍ଡପା ଥାନା ବାଲିଆମ୍ବ ଗ୍ରାମର ଦେବାନନ୍ଦ ମାହାର (୬୨)ଙ୍କୁ ସେହି ଗ୍ରାମର ଟୁକୁନା ମାହାର ଆକ୍ରମଣ କରିଥିବା ମଙ୍ଗଳବାର ଦେବାନନ୍ଦଙ୍କ ବୋହୂ ଲବଙ୍ଗ ମାହାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୩୨/୨୫ ରେ ଏକ ମାମଲା ରୁଜୁ କରିଛି।

# ପାହାଡ଼ି ନାଳ ଉପରେ ପୋଲ ପାଇଁ ସର୍ଭେ

## ମୁଖ୍ୟମନ୍ତ୍ରୀଙ୍କୁ ୫ ଗ୍ରାମବାସୀ କରିଥିଲେ ଅଭିଯୋଗ



ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନାଳ ନିକଟରେ ସର୍ଭେ କରାଯାଉଛି।

ବଇଣ୍ଡା,୨୨।୧(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସାନହୁଲା ଶିବ ମନ୍ଦିରଠାରୁ ଦାମୋଦରପୁର ଦେଇ କିଶୋରନଗର ବ୍ଲକର ଧଉରାଗୋଠ ପର୍ଯ୍ୟନ୍ତ ଲମ୍ବିଥିବା ୮ କି.ମି. ମାଟି ରାସ୍ତାର ଉନ୍ନତୀକରଣ ଆଶା ଜାଗ୍ରତ ହୋଇଛି। ସେହିପରି ଏହି ରାସ୍ତାରେ ପଡୁଥିବା ଏକ ପାହାଡ଼ି ନାଳ ଉପରେ ପୋଲ ନିର୍ମାଣ ପାଇଁ ମଙ୍ଗଳବାରଠାରୁ ସର୍ଭେ ଆରମ୍ଭ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କରାଯାଉଥିବା ଏହି ସର୍ଭେକୁ ନେଇ ଅଞ୍ଚଳବାସୀ ଆଶ୍ୱସ୍ତ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଉକ୍ତ ୮ କି.ମି. ମାଟି ରାସ୍ତାକୁ ପକ୍କା ରାସ୍ତାରେ ପରିଣତ କରିବା ସହ ରାସ୍ତା ମଝିରେ ପଡୁଥିବା ନାଳ ଉପରେ ବ୍ରିଜ୍ ନିର୍ମାଣ ପାଇଁ ୫ଖଣ୍ଡ ଗ୍ରାମବାସୀ ଗତ୧୫ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଦାବିପତ୍ର ଦେଇଥିଲେ। ଏଥିରେ ଗ୍ରାମବାସୀ ଦର୍ଶାଇଥିଲେ, ଏହି ମାଟି ରାସ୍ତାକୁ ପିଚୁରେ ପରିଣତ କରିବା ପାଇଁ ୨୦୦୦ ମସିହାଠାରୁ ଦାବି ହୋଇଆସୁଛି। ଆଠମଲ୍ଲିକ ସହ କିଶୋରନଗର ବ୍ଲକକୁ ଯୋଡୁଥିବା ଏହି ରାସ୍ତା ଉପରେ ସାନହୁଲା, କୁରୁମଟାପ, ବିଲେଇନାଳୀ ପଞ୍ଚାୟତର ସାନହୁଲା, ଦାମୋଦରପୁର, ମନ୍ଦରବାହାଲ, କିସାନସାହି, ଧଉରାଗୋଠ, କରଡ଼ାବାହାଲୀ ସହ ଆଖପାଖ ୧୫ଟି ଗ୍ରାମବାସୀ ନିର୍ଭରଶୀଳ। କିନ୍ତୁ ମାଟି ରାସ୍ତାଟି ଖାଲଖମାରେ ପୂରିରହିଛି। ବିଶେଷକରି ରାସ୍ତା ମଝିରେ ନାଳ ପଡୁଥିବାରୁ ଲୋକେ ପାଣିରେ ପଶି ଯାତାୟାତ କରୁଛନ୍ତି। ହେଲେ ବର୍ଷା ସମୟରେ ଉକ୍ତ ନାଳରେ ପଶି ଯିବା ସମ୍ଭବ ହେଉନାହିଁ। ଏପରି କି ଭଲ ରାସ୍ତା ନ ଥିବାରୁ ଏହି ଅଞ୍ଚଳରେ ଥିବା ଗ୍ରାମଗୁଡିକର ବିକାଶ ଠିକ୍ ଭାବେ ହୋଇପାରୁ ନାହିଁ। ଏହାକୁ ପିଚୁ କରାଯିବା ସହ ପୋଲ ନିର୍ମାଣ ହେଲେ କିଶୋରନଗର ବ୍ଲକକୁ ଯିବାଆସିବା ସୁବିଧା ହେବା ସହ ଅଞ୍ଚଳର ବିକାଶ ହୋଇପାରିବ। ଏ ନେଇ ଗ୍ରାମର ସାମାଜିକ କର୍ମୀ ଦିଲେଶ୍ୱର ନାୟକ ମଧ ୧୫ ଜୁଲାଇ ଓ ୩୦ ଡିସେମ୍ବରରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଇଥିଲେ। ତେବେ ବାରମ୍ବାର ଦାବିପତ୍ର ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ରାସ୍ତା ସହ ନାଳ ନିକଟରେ ସର୍ଭେ ଆରମ୍ଭ ହୋଇଛି। ବିଭାଗ ପକ୍ଷରୁ ଏକ ଟିମ୍ ଉକ୍ତ ନାଳ ନିକଟରେ ଅସ୍ଥାୟୀ କ୍ୟାମ୍ପକରି ଯାଞ୍ଚ କରିବା ସହ ମାଟି ପରୀକ୍ଷା କରିଛନ୍ତି। ଏହାଛଡ଼ା ସମ୍ପୂର୍ଣ୍ଣ ରାସ୍ତାକୁ ବିଭାଗୀୟ ଅଧିକାରୀ ବୁଲି ଯାଞ୍ଚ କରିଛନ୍ତି।

# ଗବେଷକ ବିଭୂତି ସାହୁଙ୍କ ସ୍ତ୍ରୀଙ୍କ ବିୟୋଗ

ତାଳଚେର,୨୨।୧(ମନୋଜ ନନ୍ଦ)

ତାଳଚେର ବ୍ଲକ ବଲଣ୍ଡା ଗ୍ରାମର ଗବେଷକ ବିଭୂତି ଭୂଷଣ ସାହୁଙ୍କ ସ୍ତ୍ରୀ ଲୀନା ସାହୁ(୫୫)ଙ୍କ ଅକାଳ ବିୟୋଗ ଘଟିଛି। କିଛିଦିନ ହେଲା ସେ ଅସୁସ୍ଥ ଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ହୃଦ୍‌ଘାତରେ ପରଲୋକ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଏକମାତ୍ର ପୁତ୍ର ସିଦ୍ଧାର୍ଥ ସାହୁ, କନ୍ୟା ସ୍ନିଗ୍ଧା ଶିବାନୀ ସାହୁଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ଜଣେ ସରଳ, ଧାର୍ମିକ ତଥା ପରୋପକାରୀ ମହିଳା ଭାବେ ସେ ଆଖପାଖ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ଭଲ ମଣିଷ ହେବାକୁ ପରାମର୍ଶ



ପବିତ୍ରନଗର,୨୨।୧(ନିରୋଜ ପ୍ରଧାନ)

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସୁଶ୍ରୀ ସ୍ନିଗ୍ଧା ଲୋପାମୁଦ୍ରା ଦୁର୍ଗା ସ୍ତୋତ୍ର ପାଠ କରିଥିଲେ। ବିଦ୍ୟାଳୟ ସମ୍ପାଦକ ଅଶୋକ ଗଡ଼ନାୟକ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷକ ତାରାକାନ୍ତ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ସମାଜରେ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ସଭାପତି ଯଦୁମଣି ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ମାତୃଭବନ କଟକର ସୁଭାଷ ଚନ୍ଦ୍ର କର ଯୋଗଦେଇ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷ୍ୟାକେନ୍ଦ୍ର ଶ୍ରୀମାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜର ସେବାରେ ଅନୁପ୍ରାଣିତ ହେବାକୁ ଶିକ୍ଷା ପ୍ରଦାନ କରିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରେଙ୍ଗାଳି ବନ୍ଧ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ସୁରୋଜ କୁମାର ପାତ୍ର, ଓଏଚ୍‌ପିସିର ୟୁନିଟ ମୁଖ୍ୟ ସରୋଜ କୁମାର ବହିଦାର ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟ ଅଧକ୍ଷ ସରୋଜ ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟରୁ ସାପ ଉଦ୍ଧାର

ବଇଣ୍ଡା,୨୨।୧(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହ ପରିସରରୁ ବୁଧବାର ଅପରାହ୍ନ ୧ଟା ୩୦ରେ ଏକ ଚିତି ସାପ ଉଦ୍ଧାର କରାଯାଇଛି। କାର୍ଯ୍ୟାଳୟ ପରିସରରେ ବୈଠକ ଚାଲିଥିବାବେଳେ ଉକ୍ତ ସାପ କାର୍ଯ୍ୟାଳୟ ଭିତରକୁ ଆସୁଥିବା କେତେଜଣ ଦେଖିଥିଲେ। ଏହାପରେ ହିତାଧିକାରୀ ଓ ଅଧିକାରୀମାନେ ବାହାରକୁ ପଳାଇ ଆସିଥିଲେ। ପରେ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ମିଶ୍ରଙ୍କୁ ସୂଚନା ଦିଆଯାଇଥିଲା। ଖବରପାଇ ସିଦ୍ଧେଶ୍ୱର ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପଟିକୁ ଉଦ୍ଧାର କରିବା ସହ ହଣ୍ଡପା ବନ ବିଭାଗ ଜରିଆରେ ନିକଟସ୍ଥ ଜଙ୍ଗଲରେ ଛାଡ଼ିଦେଇଥିଲେ।



# ଶିକ୍ଷାକ୍ଷେତ୍ରରେ ଶିଶୁବିଦ୍ୟାମନ୍ଦିର ଏକ ଆନ୍ଦୋଳନ

ବନ୍ତଳା,୨୨।୧ (ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅତିଥି ପରିଚୟ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁବିଦ୍ୟାମନ୍ଦିର ଶିକ୍ଷାକ୍ଷେତ୍ରରେ ଏକ ଆନ୍ଦୋଳନ ବୋଲି କହିଥିଲେ। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁ ବିଦ୍ୟାମନ୍ଦିର ବନ୍ତଳା ଅଞ୍ଚଳର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବୋଲି ମତ ଦେଉଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିନ୍ଦଲ ଡିଜିଏମ୍ ଆଶୁତୋଷ ମିଶ୍ର, ବିନୟ କୁମାର ଭୂୟାଁ, ଶିଶୁ ବିଦ୍ୟାମନ୍ଦିର ସଭାପତି ମହେଶ ସାହୁ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତି ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।



ଶିଶୁବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥି।

# ମହିମାଜ୍ୟୋତି ଶିକ୍ଷାନୁଷ୍ଠାନ ସମୂହର ବାର୍ଷିକ ଉତ୍ସବ



ମହିମାଜ୍ୟୋତି ଶିକ୍ଷାନୁଷ୍ଠାନ ସମୂହର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଅନୁଗୋଳ,୨୨।୧(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ଉପକଣ୍ଠ ଖଣ୍ଡହତା ଗ୍ରାମସ୍ଥିତ ମହିମାଜ୍ୟୋତି ଶିକ୍ଷାନୁଷ୍ଠାନ ସମୂହର ବାର୍ଷିକ ଉତ୍ସବ ବୁଧବାର ଠାରୁ ଆରମ୍ଭ ହୋଇଛି। ମହିମାଜ୍ୟୋତି ହାଇୟର ସେକେଣ୍ଡାରୀ ସ୍କୁଲ ପରିସରରେ ଏହି ଉତ୍ସବ ୨ ଦିନ ଧରି ପାଳନ ହେବ। ପ୍ରଥମ ଦିନରେ ମହିମାଜ୍ୟୋତି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ବେଳେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, ସାମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଓ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ମହିମା ଧର୍ମର ରାଜ୍ୟ ସଭାପତି ଗୁରୁ ରଘୁବର ଦାସ ବାବାଜୀ ଓ ମୁଖ୍ୟବକ୍ତା ଭାବେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଶାନ୍ତନୁ କୁମାର ସର ଯୋଗଦେଇ ବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ ବାର୍ଷିକ ଉତ୍ସବ ମଧ୍ୟରେ ଥିବା ଶିକ୍ଷାର ବୈଶିଷ୍ଟତା ସମ୍ପର୍କରେ ପ୍ରକାଶ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। କଲେଜ ପରିଚାଳନା କମିଟି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ରୀ, କର୍ମଚାରୀଙ୍କ ସମେତ ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ ସୁଜିତ ଦେହୁରୀ ଓ ସମ୍ପାଦକ ସନ୍ତୋଷ ଦେହୁରୀ ପରିଚାଳନା କରିଥିଲେ।

# 'ବୟସ ଶିକ୍ଷାର ମାନଦଣ୍ଡ ନୁହେଁ'

ଅନୁଗୋଳ,୨୨।୧(ମାନସ ବିଶ୍ୱାଳ)

ଅନୁଗୋଳ ସହର ଶିକ୍ଷକପଡ଼ାଠାରେ ଥିବା ଏନ୍‌ଜେଲ ଉଇନ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଶିକ୍ଷାର ମାନଦଣ୍ଡ ବୟସ ନୁହେଁ ବୋଲି ପ୍ରକାଶ କରିବା ସହ ପାଠପଢ଼ା ସହ ଖେଳକୁଦ, ନାଚଗୀତ ଓ ଆଧ୍ୟାମିକ ଜ୍ଞାନ ଅର୍ଜନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ନିର୍ଦ୍ଦେଶକ ସୁଶାନ୍ତ କୁମାର ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଅନ୍ୟତମ ନିର୍ଦ୍ଦେଶିକା ବିଷ୍ଣୁପ୍ରିୟା ନାୟକ ମଞ୍ଚ ପରିଚାଳନା କରିଥିଲେ। ନଗରପାଳ ଅକ୍ଷୟ ସାମନ୍ତ, ଦୀପଞ୍ଜନ ସରକାର ଏବଂ ସାମାଜିକ କର୍ମୀ ପର୍ଶୁରାମ ଦାସ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସାହୁ, ସୁଜାତା ପାତ୍ର, ମଇନା ଦାସ, ଏଲିନା ଓ ଗାୟତ୍ରୀ ପ୍ରମୁଖ ସହଯୋଗ କରିଥିଲେ।



ଏନ୍‌ଜେଲ ଉଇନ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ବେଟି ବଚାଓ ବେଟି ପଢ଼ାଓ ସମ୍ପର୍କିତ ସଚେତନତା କର୍ମଶାଳା

ଢେଙ୍କାନାଳ,୨୨।୧(ରତନ ନାୟାର)

ଢେଙ୍କାନାଳ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ 'ବେଟି ବଚାଓ ବେଟି ପଢାଓ' ଯୋଜନାର ୧୦ବର୍ଷ ପୂର୍ତ୍ତି ପାଳନ ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁଏକସଚେତନତା କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳ ସମୟରେ ମହିଳା ପୋଲିସର ମୋଟର ସାଇକେଲ ଶୋଭାଯାତ୍ରା, ବାଳିକାମାନଙ୍କର ସାଇକେଲ ଅଭିଯାନ ଓ ସଚେତନତା ପଦଯାତ୍ରା ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀଙ୍କ ଦ୍ୱାରା ଉଦ୍‌ଘାଟନ ହେବା ପରେ ଜିଲା ପରିଷଦ ସମ୍ମିଳନୀ କକ୍ଷ ପର୍ଯ୍ୟନ୍ତ ଆସିଥିଲା । ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌରାଧକ୍ଷା ଜୟନ୍ତୀ ପାତ୍ର, ଏସ୍‌ପି ଅଭିନବ ସୋନକର, ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନିଳମଣୀ ଦିଲୀପଚାନ୍ଦ ବେହେରା, ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି, ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ପୁଷ୍ପକ ତ୍ରିପାଠୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ମିତା ଶର୍ମା ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ କନ୍ୟା ଶିଶୁମାନଙ୍କର ବଞ୍ଚିବାର ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା ଓ ସମ୍ମାନ ଉପରେ ଆଲୋଚନା ହୋଇଥିଲା । ଜିଲାରେ ପୁଅମାନଙ୍କ ଅପେକ୍ଷା ଝିଅମାନଙ୍କର ସଂଖ୍ୟା କମଥିବାରୁ ସଚେତନତା ଆବଶ୍ୟକ ରହିଛି । ସବୁସ୍ତରରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ସେମାନଙ୍କ ମାନସିକତାରେ ପରିବର୍ତ୍ତନ ଆଣିପାରିଲେ ଏହି ସାମାଜିକ ସମସ୍ୟା ଦୂର ହୋଇପାରିବ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସ୍ୱାସ୍ଥ୍ୟ ମିଶନ ଅଧିକାରୀ, ଆଶା, ଏଏନ୍‌ଏମ୍, ମହିଳା ମହାବିଦ୍ୟାଳୟର ଅଧ୍ୟାପିକା, ଛାତ୍ରୀ, ମହିଳା ପୋଲିସ, ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତି, ବିଶ୍ୱ କୁନ୍ତଳ ଆଶ୍ରମର ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ କନ୍ୟା ଭ୍ରୁଣ ହତ୍ୟାକୁ ନିଷେଧ କରିବା ଶପଥପାଠ, ଦସ୍ତଖତ ଅଭିଯାନ, କବିତା ପାଠ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୀତା ଶର୍ମା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିବା ବେଳେ ଅନୁରାଧା ଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ । ସୁଶାନ୍ତ ପାଣି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।




ବେଟି ବଚାଓ ବେଟି ପଢାଓ ସମ୍ପର୍କିତ ସଚେତନତା କର୍ମଶାଳାରେ ଅତିଥିମାନେ।

# ସିନ୍‌କ୍ରୋନୀ ଉଦ୍‌ଯାପିତ

ଢେଙ୍କାନାଳ,୨୨।୧(ରତନ ନାୟାର)

ଢେଙ୍କାନାଳ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ ସିନ୍‌କ୍ରୋନୀ-୨୦୨୫ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ବୁଧବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ଉତ୍ସବର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ତମ ଶିକ୍ଷା ପ୍ରଦାନରେ ବିଦ୍ୟାଳୟର ସୁନାମ ରହିଛି । ଢେଙ୍କାନାଳର ସର୍ବାଙ୍ଗୀନ ବିକାଶ ପାଇଁ ଆମେ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜସେବୀ ତଥା ମିଳିତବଜାର ପୂଜା କମିଟି ସଭାପତି ରାମଚନ୍ଦ୍ର ପାତ୍ର କହିଲେ ଯେ, ଢେଙ୍କାନାଳର ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ୨୫୦୦ ଭବିଷ୍ୟତ ଜ୍ଞାନ ଆହରଣ କରୁଛନ୍ତି । ପ୍ରତିଟି କ୍ଷେତ୍ରରେ ଏହି ବିଦ୍ୟାଳୟର ଯୋଗଦାନ ରହିଛି । ଢେଙ୍କାନାଳ ଆକାଂକ୍ଷୀ ଜିଲା ହୋଇଥିବାରୁ ଏହି ଜିଲାର ଓ ସହରର ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ ଏବଂ ଏହି ବିଦ୍ୟାଳୟର ମଧ ଗୁରୁଦାୟିତ୍ୱ ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରିନ୍ସିପାଲ ପ୍ରତାପଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଉତ୍ସବରେ ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ଦେବାଶିଷ ମିଶ୍ର ଉପସ୍ଥିତ ଥିଲେ । ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଙ୍ଗୀତର ଆସର ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ମନୋଜ ମହାନ୍ତିଙ୍କ ସମେତ ସ୍କୁଲ ପରିଚାଳନା କମିଟିର ସଦସ୍ୟ ସଦସ୍ୟା, ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।



ସେଣ୍ଟ ଜାଭିୟର୍ସ ହାଇସ୍କୁଲର ସିନ୍‌କ୍ରୋନୀ ଉଦଯାପିତ।

# ଉନ୍ନତ ପ୍ରଣାଳୀରେ ଆଖୁ ଓ ରାଶି ଚାଷକୁ ଗୁରୁତ୍ୱ

ଢେଙ୍କାନାଳ,୨୨।୧(ରତନ ନାୟାର)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର ହଳଦିକୁଣ୍ଡି ଗ୍ରାମରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ନୟାଗଡ଼ ଆଖୁ ଗବେଷଣା କେନ୍ଦ୍ର ଓ ମହିଷାପାଟ ଆଞ୍ଚଳିକ କୃଷି ଗବେଷଣା ଓ ସଂପ୍ରସାରଣ କେନ୍ଦ୍ର ଆନୁକୂଲ୍ୟରେ ସର୍ବଭାରତୀୟ ଆଖୁ ଓ ରାଶି ଗବେଷଣା ପ୍ରକଳ୍ପ ତରଫରୁ ଆଦିବାସୀ କୃଷକମାନଙ୍କ ପାଇଁ ଆଖୁ ଓ ରାଶି ଚାଷର ଉନ୍ନତ କୌଶଳ ସମ୍ପର୍କିତ ଏକ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଉନ୍ନତମାନର ଆଖୁ ଓ ରାଶି ଉତ୍ପାଦନ ପାଇଁ ଆଦିବାସୀ ଚାଷୀମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା । ଅତିଥି ଭାବେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ କୃଷି ଗବେଷଣା ଅଧକ୍ଷ ଡ. ମନମୋହନ ମିଶ୍ର, ବରିଷ୍ଠ ଆଖୁ ବିଶେଷଜ୍ଞ ଡ. ପ୍ରମୋଦ କୁମାର ନାୟକ ଏବଂ ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ବିମଳେନ୍ଦୁ ମହାନ୍ତି ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୟାଗଡ ଆଖୁ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ଜ୍ୟୋତିରେଖା ପଟ୍ଟନାୟକ, ଡ. ସ୍ୱାଗତିକା ମହାନ୍ତି ଏବଂ ମହିଷାପାଟ ସର୍ବଭାରତୀୟ ରାଶି ପ୍ରକଳ୍ପର ବୈଜ୍ଞାନିକ ଡ. ଦିବ୍ୟରଞ୍ଜନ ମିଶ୍ର, ଡ. ସୁଚିସ୍ମିତା ବଳବନ୍ତରାୟ ଯୋଗ ଦେଇଥିଲେ । ଏହି ତାଲିମ ଶିବିରରେ ଆଖୁ ଓ ରାଶି ଚାଷର ବୈଜ୍ଞାନିକ ପଦ୍ଧତି, ଚାଷ ତଥା ଅମଳ ସମୟରେ ଦେଖାଦେଉଥିବା ପ୍ରମୁଖ ସମସ୍ୟା ଓ ଏହାର ନିରାକରଣ, ବିକ୍ରିବଟା, କୃଷି ଯାନ୍ତ୍ରିକରଣ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଉପରେ ଆଲୋଚନା ହୋଇଥିଲା । ଏହି ଆଲୋଚନାଚକ୍ରରେ ବହୁ ସଂଖ୍ୟାରେ ଆଦିବାସୀ କୃଷକ ଭାଗ ନେଇଥିଲେ ।




ଆଦିବାସୀ କୃଷକ ତାଲିମ ଶିବିରରେ ମଞ୍ଚାସୀନ ଅତିଥି।

# ସାମଲ ପ୍ରାଇମ୍ ଅଟୋମୋଟିଭ୍‌ସ ଉଦ୍‌ଘାଟିତ

## ବ୍ୟବସାୟିକ ଯାନ ବିକ୍ରିରେ ମାଇଲଖୁଣ୍ଟ ସାଜିବ

ଢେଙ୍କାନାଳ,୨୨।୧(ରତନ ନାୟାର)

ଢେଙ୍କାନାଳସ୍ଥିତ ୫୫ନଂ ଜାତୀୟ ରାଜପଥର ଆଇଫିଏଲ୍ କମ୍ପାନୀ ନିକଟରେ ପ୍ରଥମକରି ସାମଲ ପ୍ରାଇମ୍ ଅଟୋମୋଟିଭ୍‌ସ ପ୍ରାଇଭେଟ ଲିମିଟେଡ୍ ବୁଧବାର ଅପରାହ୍ନ ୧ଟା ସମୟରେ ଉଦଘାଟିତ ହୋଇଯାଇଛି। ବ୍ୟବସାୟିକ ଯାନବାହନ ବିକ୍ରିରେ ଏହି କମ୍ପାନୀ ଏକ ମାଇଲଖୁଣ୍ଟ ସାଜିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସାମଲ ପ୍ରାଇମ୍ ଅଟୋମୋଟିଭ୍‌ସ ପ୍ରାଇଭେଟ୍ ଲିମିଟେଡ୍, ଅଶୋକ ଲେଲାଣ୍ଡର ବ୍ୟବସାୟିକ ଯାନବାହନ ଡିଲରଶିପ୍‌ର ଶୁଭାରମ୍ଭ ହୋଇଛି। ଏହି ନୂତନ ଶୋ'ରୁମ୍‌କୁ ଅଶୋକ ଲେଲାଣ୍ଡ ଜାତୀୟ ସେଲ୍ ମୁଖ୍ୟ ମାଧବୀ ଦେଶମୁଖ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଶୋକ ଲେଲାଣ୍ଡ ନେଟୱାର୍କ ହେଡ୍ ଅଜୟ ଆରୋରା, ଜୋନାଲ ହେଡ୍ ବିକାଶ ଝା, ପୂର୍ବାଞ୍ଚଳ ଜୋନାଲ ସର୍ଭିସ୍ ମ୍ୟାନେଜର ସଞ୍ଜୟ ଦେ, ପୂର୍ବାଞ୍ଚଳ ଜୋନାଲ ପାର୍ଟସ୍ ମ୍ୟାନେଜର ଅଜୟ ନେରକର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ତାଳଚେର, ଅନୁଗୋଳ ଓ ଢେଙ୍କାନାଳର ବସ୍ ଓ ଟ୍ରକ୍ ଆସୋସିଏଶନର କର୍ମକର୍ତ୍ତାଙ୍କ ସମେତ ବହୁ ବ୍ୟକ୍ତିବିଶେଷ, ଯାନବାହନ ମାଲିକ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ସାମଲ ପ୍ରାଇମ୍ ଅଟୋମୋଟିଭ୍‌ସର ପରିଚାଳନା ନିର୍ଦ୍ଦେଶକ ଜଗଦୀଶ ସାମଲ ସ୍ୱାଗତ ଭାଷଣ ଦେଇ କହିଲେ , ଡିଲରଶିପ୍ ଜରିଆରେ ବିକ୍ରି ଓ ସର୍ଭିସ୍‌ରେ ଗୁଣବତ୍ତା ସହ ଉନ୍ନତମାନର ଅଭିଜ୍ଞତା ସମ୍ପନ୍ନ ସେବା ପ୍ରଦାନ କରାଯିବ। ଉଦ୍‌ଘାଟନୀ ଦିବସରେ ୪୦ଟି ଅଶୋକ ଲେଲାଣ୍ଡ ବ୍ୟବସାୟିକ ଯାନବାହନ ବିକ୍ରି ହୋଇଥିଲା। ନୂତନ ଗାଡ଼ି କିଣିଥିବା ମାଲିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଧୀର କୁମାର ସାମଲ ଧନ୍ୟବାଦ ପ୍ରଦାନ କରିବା ସହିତ ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ।



# ଆମ୍ବେଡକର ସେବା ସଂଗଠନ ପକ୍ଷରୁ ଗଣଧାରଣା

**କ୍ରିକେଟ ଖେଳକୁ ନେଇ ଗଣ୍ଡଗୋଳ ଘଟଣା**

ଢେଙ୍କାନାଳ,୨୨।୧(ରତନ ନାୟାର)




ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଥାନା ବାବନ୍ଧ ଗ୍ରାମପଞ୍ଚାୟତର ବେଡ଼ାପଡ଼ାଠାରେ ଗତ ୧୨ ତାରିଖ ଦିନ କ୍ରିକେଟ ଖେଳକୁ ନେଇ ଏକ ଗଣ୍ଡଗୋଳ ଘଟି ଅନୁସୂଚିତ ଜାତି ଲୋକମାନଙ୍କ ଉପରେ ଆକ୍ରମଣ ହୋଇଥିଲା । ଆକ୍ରମଣକାରୀମାନେ ଅନୁସୂଚିତ ଜାତି ଲୋକମାନଙ୍କର ଘର, ଆଜବେଷ୍ଟସ, ଦୋକାନ, ଗାଡିମୋଟର, ନଳକୂଅ ଆଦି ଭଙ୍ଗାରୁଜା କରିବା ସହିତ ବିଦ୍ୟୁତ ସଂଯୋଗ କାଟି ଦେଇଥିଲେ ଏବଂ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଲୋକମାନେ ମାଡ଼ ଖାଇ ଜୀବନ ବିକଳରେ ଲୁଚିଥିବା ବେଳେ ନିର୍ଦ୍ଦୋଶ ପୁରୁଷ ଲୋକଙ୍କୁ ରାସୋଳ ପୋଲିସ ବେଆଇନ ଭାବେ ଗିରଫ କରି କୋର୍ଟଚାଲାଣ କରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଆମ୍ବେଡକର ସେବା ସଂଗଠନ ଢେଙ୍କାନାଳ ପକ୍ଷରୁ ବୁଧବାର ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ପ୍ରଦାନ କରାଯାଇ କ୍ଷତିଗ୍ରସ୍ତ ଲୋକଙ୍କୁ ନ୍ୟାୟ, ସୁରକ୍ଷା, କ୍ଷତିପୂରଣ ଓ ଅନୁସୂଚିତ ଜାତି ଓ ଜନଜାତି ନିର୍ଯ୍ୟାତନା ନିବାରଣ ଆଇନ ଅନୁଯାୟୀ ଖାଦ୍ୟ, ପାନୀୟ କ୍ଷତିପୂରଣ ପାଇଁ ଦାବି କରାଯାଇଥିଲା। ସେହିପରି କ୍ଷତିଗ୍ରସ୍ତ ଲୋକଙ୍କୁ ନ୍ୟାୟ ଓ ସୁରକ୍ଷା ଦେବା ପାଇଁ ପୋଲିସ ପ୍ରଶାସନକୁ ଅଭିଯୋଗ କରିଥିବାରୁ କୌଣସି ସୁଫଳ ନ ମିଳିବାରୁ କ୍ଷତିଗ୍ରସ୍ତ ଲୋକମାନଙ୍କ ସହ ମିଶି ଆମ୍ବେଦକର ସେବା ସଂଗଠନ ପକ୍ଷରୁ ଗଣଧାରଣା ପ୍ରଦାନ କରାଯିବା ପରେ ଜିଲାପାଳଙ୍କୁ ଦାବି ପ୍ରଦାନ କରାଯାଇଥିଲା । ତୁରନ୍ତ ବେଡାପଡା ଗ୍ରାମରେ ଶାନ୍ତି କମିଟି ଗଠନ, ପୋଲିସ ନିର୍ଦ୍ଦୋଶ ଲୋକମାନଙ୍କୁ ଗିରଫ ନ କରିବା, ଅନୁସୂଚିତ ଜାତି ଓ ଜନଜାତି ନିର୍ଯ୍ୟାତନା ନିବାରଣ ଆଇନ ଅନୁଯାୟୀ ଖାଦ୍ୟ, ପାନୀୟ କ୍ଷତିପୂରଣ ପ୍ରଦାନ ଓ ସାହିର କୂଅ, ନଳକୂଅ ମରାମତି ସହିତ ବିଦ୍ୟୁତ ସଂଯୋଗ ତୁରନ୍ତ ପ୍ରଦାନ କରିବା ପାଇଁ ଦାବି କରାଯାଇଥିଲା। ସଂଗଠନର ସଭାପତି ପ୍ରଦ୍ୟୁମ୍ନ କୁମାର ନାୟକ, ସମ୍ପାଦକ ଚିତ୍ରସେନ ନାୟକ, ଗଁଦିଆ ସଂଯୋଜକ ଅକ୍ଷୟ କୁମାର ମଲିକ, ହିନ୍ଦୋଳ ସଂଯୋଜକ ପ୍ରଶାନ୍ତ ନାୟକ ପ୍ରମୁଖଙ୍କ ନେତୃତ୍ୱରେ କ୍ଷତିଗ୍ରସ୍ତ ଲୋକମାନଙ୍କ ମଧ୍ୟରେ ରିନା ନାଏକ, କଳାବତୀ ନାଏକ, ନିତ୍ୟାନନ୍ଦ ନାଏକ, ସବିତା ନାଏକ, ଅମ୍ବିକା ନାଏକ, ପିଙ୍କି ନାଏକ, ଗଗନ ନାଏକ, ଲକ୍ଷ୍ମୀ ନାଏକ, ମଧୁସ୍ମିତା ନାଏକ, ସସ୍ମିତା ନାଏକ, ଆରତୀ ନାଏକଙ୍କ ସମେତ ସାହିର ସମସ୍ତ ମହିଳା ଓ ପିଲାମାନେ ଗଣଧାରଣାରେ ସାମିଲ ହୋଇ ନ୍ୟାୟ ପାଇବା ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ ।

# ମାଙ୍କଡ଼ା ପଥର ବୋଝେଇ ଗାଡ଼ି ଜବତ, ଚାଳକ ଅଟକ

ପରଜଙ୍ଗ,୨୨।୧ (ନିଗମାନନ୍ଦ ଦଳବେହେରା):

ପରଜଙ୍ଗ ଥାନା ଭାଲୁମୁଣ୍ଡା ଛକ ନିକଟରୁ ଏକ ମାଙ୍କଡ଼ା ପଥର ବୋଝେଇ ଟ୍ରକକୁ ବୁଧବାର ଖଣି ଉପନିର୍ଦ୍ଦେଶକ ଶୁଭେନ୍ଦୁ ସାମଲ ଜବତ କରିଛନ୍ତି। ଭାଲୁମୁଣ୍ଡା ଛକ ନିକଟରେ ଟ୍ରକକୁ ଅଟକାଇ ଯାଞ୍ଚ ବେଳେ ନକଲି ଟ୍ରାଞ୍ଜିଟ ପାସ ନେଇ ପଥର ଚାଲାଣ ହେଉଥିବା ଜାଣିବାକୁ ପାଇ ଗାଡ଼ିକୁ ଜବତ କରିଥିଲେ। ଗାଡ଼ିଟିକୁ କାର୍ଯ୍ୟାଳୟକୁ ନେବା ବାଟରେ ଚାଳକ ଜଣକ ଚଞ୍ଚଳତା କରି ଗାଡିର ତ୍ରୁଟି ଦର୍ଶାଇ ଡମୋଳ ଗ୍ରାମଠାରେ ଅଟକ ରଖିଦେଇଥିଲେ। ସରାଙ୍ଗ ଫାଣ୍ଡି ପୁଲିସ ସହାୟତାରେ ଜେସିବି ମେସିନ ସାହାଯ୍ୟରେ ଚୋରା ପଥର ଗାଡ଼ିକୁ ଟଣାଯାଇ ଫାଣ୍ଡିକୁ ଅଣାଯାଇଥିଲା ଗାଡି ଚାଳକକୁ ଅଟକ ରଖାଯାଇଛି ।

# ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ



ଢେଙ୍କାନାଳ,୨୨।୧(ରତନ ନାୟାର)

ଢେଙ୍କାନାଳ ସାଣ୍ଡ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କ ପାଇଁ ଆୟୋଜିତ ଆତ୍ମରକ୍ଷା କୌଶଳ ଶିବିର ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲା ସଂଯୋଜକ ଅକ୍ଷୟ କୁମାର ନାଥ ଯୋଗଦେଇ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ଉପାଦେୟ ସହିତ ନିର୍ଭିକ ହେବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମନୋରମା ମଲ୍ଲିକ ଓ ଦୁଃଶାସନ ପ୍ରଧାନ ଯୋଗଦେଇ ନାରୀମାନଙ୍କର ସହନଶୀଳତା ଓ ପରିବର୍ତ୍ତିତ ପରିସ୍ଥିତିରେ ସଶକ୍ତ ନାରୀର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ରତିକାନ୍ତ ସାହୁ ରତିକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମସ୍ତ ତାଲିମପ୍ରାପ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# ଓପିଏସ୍ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା

ଓଡ଼ପଡ଼ା, ୨୨।୧ (ରଞ୍ଜିତ ନାୟକ)

ହିନ୍ଦୋଳ ରୋଡ଼ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଢେଙ୍କାନାଳ ଜିଲା ଆଞ୍ଚଳିକ ପରିବହନ ବିଭାଗ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନେ ସଚେତନ ହୋଇ ଗାଡ଼ି ଚଳାଇଲେ ଦୁର୍ଘଟଣାରୁ ରକ୍ଷାପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଆଞ୍ଚଳିକ ପରିବହନ ବିଭାଗର ଅନ୍ୟତମ ଅଧିକାରୀ ରାକେଶ ରଞ୍ଜନ ସାହୁ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ସାହାଯ୍ୟ କରିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ହେବା ଉଚିତ ବୋଲି କହିଥିଲେ। ସଭାପତି ଡ. ପ୍ରଧାନ ଯୁବଶକ୍ତିର ଉଦ୍ଧାମତା ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ ବୋଲି କହିଥିଲେ। ପ୍ରାଥମିକ ଚିକିତ୍ସା ରକ୍ଷକ ପ୍ରଶିକ୍ଷକ ଅଧ୍ୟାପକ ବନୋଜ କୁମାର ରାୟ ଓ ବରୁଣ କୁମାର ମାଝୀ ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ସମର ଶିକ୍ଷାର୍ଥୀ ବାହିନୀର ଅଧିକାରୀ ଲେଫ୍ଟନାଣ୍ଟ ଅକ୍ଷୟ କୁମାର ସାହୁ, ଜାତୀୟ ସେବା ଯୋଜନାର ଅଧିକାରୀ ଅଧ୍ୟାପକ ବିଜୟ କୁମାର ସାହୁ ଓ ଯୁବ ରେଡକ୍ରସର ଅଧିକାରୀ ଡ. ବଳରାମ ପୃଷ୍ଟି, ଦିଲୀପ କୁମାର ପୃଷ୍ଟି, ଶିଶିର କୁମାର ବେହେରା, ଦୀପକ ରଞ୍ଜନ ପଟ୍ଟନାୟକ ଓ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଅଧ୍ୟାପକ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




# ସାଆନ୍ଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ




ପରଜଙ୍ଗ,୨୨।୧(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ସାଆନ୍ଦାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦ୍ୱିବିଂଶତମ ବାର୍ଷିକ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଦ୍ୟାମନ୍ଦିରର ସଭାପତି ଗଙ୍ଗାଧର ପାଣିଙ୍କ ସଭାପତିତ୍ୱ ଓ ସମ୍ପାଦକ ହେମନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ କାନପୁରା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀରାମ ରାଉତ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶରତ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସମ୍ପାଦକ ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ କୁମାର ସାହୁ ବାର୍ଷିକ ବିବରଣୀ ପାଠ ପ୍ରଦାନ କରିଥିଲେ। ବିଦ୍ୟାମନ୍ଦିର ଉନ୍ନତି ସାଧନ ପାଇଁ ନିଷ୍ଠାର ସହ ଜମି, ଅର୍ଥ, ନଥିପତ୍ର ଉପରେ ସାହାଯ୍ୟ ସହଯୋଗ କରିଥିବା ବ୍ୟକ୍ତି ବିଶେଷଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଚାର୍ଯ୍ୟା ହରପ୍ରିୟା ଧର ମଞ୍ଚ ସଞ୍ଚାଳନ କରିଥିଲେ।

# ଆତ୍ମରକ୍ଷା କୌଶଳ ମନୋବଳ ବୃଦ୍ଧି କରାଏ

ଢେଙ୍କାନାଳ,୨୨।୧(ରତନ ନାୟାର)



ଢେଙ୍କାନାଳ ସଦର ବ୍ଲକ ଭାପୁର କୋଇଲିପଙ୍ଗିସ୍ଥିତ ଦେବେନ୍ଦ୍ର ଶତପଥୀ ସ୍ମାରକୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ସୋମବାର ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରଶେଖର ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଗୃହ ବିଜ୍ଞାନ ବିଭାଗର ଅଧ୍ୟାପିକା ସୋନାଲି ରାଉତରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆତ୍ମରକ୍ଷା କୌଶଳ ଛାତ୍ରୀମାନଙ୍କର ମନୋବଳ ବୃଦ୍ଧି କରିବା ସହିତ ନିରାପତ୍ତା ଯୋଗାଇଥାଏ। ସଂଯୋଜିକା ଶୁଭଶ୍ରୀ ପଟ୍ଟନାୟକ ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ । ମାନସ ରଞ୍ଜନ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ । ଶିବିରରୁ ୨୦ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କଲେଜ ପକ୍ଷରୁ ଜଣାଯାଇଛି ।

# ଦନ୍ତାହାତୀ ବିଦ୍ୟାଳୟର ପାଚେରି, ଗେଟ ଭାଙ୍ଗିଲା



ଢେଙ୍କାନାଳ,୨୨।୧(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡଙ୍ଗୀ ରେଞ୍ଜ୍ ଯୋରନ୍ଦା ସେକସ୍ନ କରମୂଳ ଅଞ୍ଚଳରେ ଦନ୍ତା ହାତୀ ୩ଦିନ ହେଲା ପୁଣି ଉପଦ୍ରବ ଆରମ୍ଭ କରିଛି । ବୁଧବାର ଭୋର ୫ଟା ସମୟରେ ଗୋରଡାପାଳ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ଲୁହା ଗେଟ୍ ସହିତ ୨।୩ ଜାଗାରେ ବିଦ୍ୟାଳୟର ପାଚେରି ଭାଙ୍ଗି ଦେଇଛି । କ୍ଷତିପୂରଣ ପାଇଁ ଗ୍ରାମର ପାଣ୍ଡବ ମଲିକ ଓ ୱାର୍ଡ ମେମ୍ବର ପ୍ରକାଶ ମଲିକ ଦାବି କରିଛନ୍ତି । ରବିବାର ହାତୀଟିର ଗୋଡ଼ରେ ଚିକିତ୍ସା କରାଯିବା ପରେ ପୁନର୍ବାର ଆମ୍ବପଡା, ଗୋରଡାପାଳ, ମକୁନ୍ଦପୁର, ଭାଲିଆକଣ, ଅଶ୍ୱଖୋଲ ଅଞ୍ଚଳରେ ଉପଦ୍ରବ କରି ଫସଲ ଆଦି ନଷ୍ଟ କରିଛି । ବିଶେଷକରି ଭୋର ସମୟରେ ଅଞ୍ଚଳରେ ହାତୀଟି ଯିବା ଆସିବା କରୁଥିବାରୁ ହାତୀ ଭୟରେ ଚାଷୀ ଭାଇମାନଙ୍କର କୋଳଥ ଉପାଡିବାରେ ବାଧା ସୃଷ୍ଟି ହୋଇଛି । ଏଥିସହିତ ବିଭିନ୍ନ ଗ୍ରାମରେ ଅଷ୍ଟପ୍ରହରୀ ଚାଲିଥିବା ବେଳେ କୀର୍ତ୍ତନ ମଣ୍ଡଳୀ ଭାଇଭଉଣୀମାନେ ସାଂସ୍କୃତିକ ଅନୁଷ୍ଠାନ ଗୁଡିକରେ ଯୋଗ ଦେଇ ପାରୁନାହାନ୍ତି । ବନବିଭାଗର ସାଇରନ ଗାଡିକୁ ଯୋରନ୍ଦାରୁ କରମୂଳ ପର୍ଯ୍ୟନ୍ତ ନିଆଗଲେ, ଲୋକମାନେ ଆହୁରି ସଚେତନ ହୋଇପାରନ୍ତେ । ହାତୀର ଗତିବିଧିକୁ ଲକ୍ଷ୍ୟକରି ବନବିଭାଗ ପକ୍ଷରୁ ଉଚିତ ପଦକ୍ଷେପ ନେବାକୁ ଦିବାକର ପାତ୍ର, ପ୍ରଦ୍ୟୁମ୍ନ ପଣ୍ଡା, ପୀତବାସ ସ୍ୱାଇଁ, ମୁରଲିଧର ସାହୁ, ସୁବ୍ରତ ନାୟକ, ବିକ୍ରମାଦିତ୍ୟ ପାଣିଗ୍ରାହୀ, ଚିନ୍ତାମଣୀ ତ୍ରିପାଠୀ ଓ ପବିତ୍ର ମୋହନ ନାୟକ ପ୍ରମୁଖ ଦାବି କରିଛନ୍ତି।

# ଆର୍ଦ୍ରଭୂମି ସଂରକ୍ଷଣ ସଚେତନତା




ଢେଙ୍କାନାଳ,୨୨।୧(ରତନ ନାୟାର)

ଢେଙ୍କାନାଳ ସହର ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଆର୍ଦ୍ରଭୂମି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଷ୍ଟମ, ନବମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ନିକଟସ୍ଥ ଜଳାଶୟକୁ ନେଇ ବିଭିନ୍ନ ଜଳାଶୟଗୁଡିକର ସଂରକ୍ଷଣ ଏବଂ ପରିଷ୍କାର ପରିଚ୍ଛନ୍ନତା ରଖାଯାଇ ପାରିବ ସେ ବିଷୟରେ ପିଲାମାନଙ୍କୁ ସଚେତନ ଶୋଭାଯାତ୍ରା କରାଯାଇଥିଲା। ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ସଚେତନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀ, ଇକୋ କ୍ଲବ୍ ଶିକ୍ଷୟିତ୍ରୀ କନ୍ୟାକୁମାରୀ ଭୂତିଆ, ଶ୍ରୀମତୀ ଶର୍ମିଷ୍ଠା, ଉପସନା ନାଥଶର୍ମା, ଲିପିକା ନାଏକ, ସସ୍ମିତା ସ୍ୱାଇଁ, ସୁଲୋଚନା ଭୂତିଆ, ମାମାଲି ମିଶ୍ର, ରାନୁ ଦାସ ଓ ଜୟନ୍ତୀ ବେହେରା ପ୍ରମୁଖ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ ।

# ଭଲ ମଣିଷ ଗଢ଼ି ତୋଳିବାକୁ ପରାମର୍ଶ

ଢେଙ୍କାନାଳ,୨୨।୧(ରତନ ନାୟାର)

**ଅଶ୍ୱଖୋଲା ହାଇସ୍କୁଲର ୪୩ତମ ବାର୍ଷିକ ଉତ୍ସବ**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ୍ ବାରଦାସ୍ଥିତ ଅଶ୍ୱଖୋଲା ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନବକିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସ୍ୱତନ୍ତ୍ର ବିଚାରପତି ଭିକାରୀ ଚରଣ ରାଉତ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ପ୍ରକୃତିବନ୍ଧୁ ହରିହର ସାହୁ, ସମ୍ମାନୀତ ଅତିଥି ଭାବେ ସରପଞ୍ଚ ଦିପ୍ତିମୟୀ ବେହେରା, ପଞ୍ଚସଖା ଶିକ୍ଷା ସେତୁର ସଭାପତି ବନବିହାରୀ ସାହୁ, ଶିକ୍ଷାବିତ୍ ଡ. ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ବିଦ୍ୟାଳୟରେ ମୂଲ୍ୟବୋଧ ଶିକ୍ଷା ସହିତ ଶିକ୍ଷାର୍ଥୀ ଜୀବନରେ ଭଲ ମଣିଷ ଗଢିବା ତୋଳିବାକୁ ପରାମର୍ଶ ଦେଇଥିଲେ । ଶିକ୍ଷକ ଅନନ୍ତ ଚରଣ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ଅନନ୍ତ ଚରଣ ଜେନାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସରୋଜିନୀ ନାୟକ, ରଙ୍ଗଲତା ଭୂୟାଁ, ଶିକ୍ଷକ ଚକ୍ରଧର ଭୋଇ ଓ କାର୍ଯ୍ୟାଳୟ ସହାୟକ ବିକାଶ କୁମାର ନାୟକ ଓ କର୍ମଚାରୀ ଦୀପକ କୁମାର ବରାଳ ସହଯୋଗ କରିଥିଲେ । ଚାମ୍ପିଅନ ଭାବେ ଶୁଭଙ୍କର ନାଥ, ପ୍ରଜ୍ଞା ପ୍ରିୟଦର୍ଶିନୀ ବାରିକ ଓ ଶ୍ରେଷ୍ଠ ଛାତ୍ରୀ ଭାବେ ନିକିତା ବେହେରା, ଶ୍ରେଷ୍ଠ ଛାତ୍ର ଭାବେ ସନ୍ଦୀପ କୁମାର ନାଥଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନାଟକ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷୟିତ୍ରୀ ରଙ୍ଗଲତା ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।



# ବାଲି ଚାଲାଣ ରୋକିବାକୁ ରାସ୍ତାରେ ଗର୍ତ୍ତ

ପରଜଙ୍ଗ,୨୨।୧(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲାରେ କିଛି ଦିନ ହେବ ଖଣି ବିଭାଗ ପକ୍ଷରୁ ବିଭିନ୍ନ ଚୋରା ବାଲିଘାଟ ଉପରେ ଚଢାଉ ଜାରିରହିଛି। ଏହି ପରିପ୍ରେକ୍ଷୀରେ ପରଜଙ୍ଗ ତହସିଲ ଅନ୍ତର୍ଗତ ପାଳସାହି ଗ୍ରାମ ବ୍ରାହ୍ମଣୀ ନଦୀରୁ ରାତିରେ ମେସିନ ଲଗାଇ ଶତାଧିକ ଘନଫୁଟ ବାଲି ଉତ୍ତୋଳନ କରୁଥିବା ନେଇ ଗ୍ରାମର କିଛି ଯୁବଗୋଷ୍ଠୀ ସରକାରଙ୍କ ୧୧୨ ସହାୟତା ନମ୍ବରକୁ ଫୋନ ଯୋଗେ ଅଭିଯୋଗ କରିଆସୁଥିଲେ ମଧ୍ୟ ସ୍ଥାନୀୟ ଆରକ୍ଷୀ ଅଧୀକ୍ଷକ ଓ ରାଜସ୍ୱ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଆସୁଥିଲା। ଏନେଇ ଗ୍ରାମର ଯୁବଗୋଷ୍ଠୀ ତାଳଚେର ସ୍ଥିତ ଖଣି ଉପନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ, ଯାହାକୁ ନେଇ ବୁଧବାର ଖଣି ଉପନିର୍ଦ୍ଦେଶକ ଶୁଭେନ୍ଦୁ ସାମଲଙ୍କ ନେତୃତ୍ୱରେ ଏକ ଦଳ ପାଳସାହି ଗ୍ରାମ ବ୍ରାହ୍ମଣୀ ନଦୀରୁ ଚୋରା ଚାଲାଣ ହେଉଥିବା ସ୍ଥାନରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ନଦୀ ଗର୍ଭରୁ ବାଲି ନେଇ ଆସୁଥିବା ରାସ୍ତାରେ ବୃହତ ଗର୍ତ୍ତ ଖନନ କରିଦେଇଥିଲେ। ଆଗାମୀ ଦିନରେ ଗର୍ତ୍ତକୁ ପୂରଣ କରି ଯେଉଁ ବାଲି ଉତ୍ତୋଳନକାରୀମାନେ ଚୋରା ଚାଲାଣ କରିବା ପାଇଁ ଉଦ୍ୟମ କରନ୍ତି ତେବେ ସେମାନଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଖଣି ଉପନିର୍ଦ୍ଦେଶକ ସାମଲ କହିଛନ୍ତି।

# ପ୍ରଶାସନର ଦ୍ୱାରସ୍ଥ ହେଲେ ସବର୍ଣ୍ଣ ମହିଳା

**ବେଡ଼ାପଡ଼ା ଗ୍ରାମ ଗଣ୍ଡଗୋଳ ଘଟଣା**

- ଗଣ୍ଡଗୋଳକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ଢେଙ୍କାନାଳ,୨୨।୧(ରତନ ନାୟାର)



ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଥାନା ବେଡ଼ାପଡ଼ା ଗ୍ରାମରେ କ୍ରିକେଟ ଖେଳକୁ ନେଇ ଘଟିଥିବା ଗଣ୍ଡଗୋଳରେ ସବର୍ଣ୍ଣ ଲୋକମାନଙ୍କୁ ଗିରଫ କରିବା ପାଇଁ ଧମକ ଦିଆଯାଉଥିବା ଏବଂ ମାରଣାସ୍ତ୍ରରେ ଆକ୍ରମଣ କରିଯିବା ଆଦିକୁ ନେଇ ସବର୍ଣ୍ଣ ମହିଳାମାନେ ବୁଧବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇ ସେମାନଙ୍କ ପରିବାରକୁ ସୁରକ୍ଷା ଓ ଗଣ୍ଡଗୋଳକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି । ଅଭିଯୋଗରୁ ଜଣାପଡିଛି ଯେ, ଗତ ୧୨ ତାରିଖ ଦିନ ଗ୍ରାମର ସ୍କୁଲ ପଡିଆଠାରେ କ୍ରିକେଟ ଖେଳର ପୁରସ୍କାର ବଂଟନ ସମୟରେ ଗ୍ରାମର କିଛି ଦଳିତ ଯୁବକଙ୍କ ସହ ସବର୍ଣ୍ଣ ପିଲାଙ୍କର ଗଣ୍ଡଗୋଳ ହୋଇଥିଲା । ପରେ ସନ୍ଧ୍ୟାରେ ଦଳିତ ସାହିର ପିଲାମାନେ ବିଭିନ୍ନ ମାରଣାସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହି ଘଟଣାକୁ ନେଇ ଦଳିତମାନଙ୍କ ପକ୍ଷରୁ ଥାନାରେ ସବର୍ଣ୍ଣଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ ହୋଇଥିବା ଅଭିଯୋଗ ଓ ସବର୍ଣ୍ଣମାନଙ୍କୁ ଧମକଚକମ ଦେବା ସହ ସେମାନଙ୍କୁ ଗିରଫ କରିବା ପାଇଁ ପୋଲିସ ଖୋଜୁଥିବାରୁ ଗ୍ରାମରେ ପୁରୁଷମାନେ ରହୁନାହାନ୍ତି । ସବର୍ଣ୍ଣ ପରିବାରକୁ ସୁରକ୍ଷା ଦେବା ଏବଂ ଗଣ୍ଡଗୋଳକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସବର୍ଣ୍ଣଙ୍କ ପକ୍ଷରୁ କୁମାରୀ ରାଉତ, ଲତା ସାମଲ, ନିଶା ସାମଲ, ରୀତା ସାମଲ, ଗେଟେଇ ସାମଲ, ଫୁଲ ପରିଡାଙ୍କ ସମେତ ବହୁ ମହିଳା ଲିଖିତ ଭାବେ ଦାବି କରିଛନ୍ତି।

# ଭୁବନରେ ୫ ସମବାୟ ସମିତିରେ ଧାନକିଣା ଆରମ୍ଭ

ଭୁବନ,୨୨।୧(ବିପିନ ବିହାରୀ ସେଠୀ)



ଢେଙ୍କାନାଳ ଜିଲା ଭୁବନ ବ୍ଲକର ୫ଟି ସମବାୟ ସମିତି ପକ୍ଷରୁ ମଙ୍ଗଳବାର ଧାନମଣ୍ଡି ଆରମ୍ଭ ହୋଇଛି। ଏହି ମଣ୍ଡିକୁ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହିତ ଚାଷୀମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଦେବା ପାଇଁ କହିଥିବା ବେଳେ ଜିଲା ସମବାୟ, ଉପଖଣ୍ଡ ସମବାୟ ବିଭାଗ ଓ ଯୋଗାଣ ବିଭାଗ ଅଧିକାରୀମାନଙ୍କ ସମେତ ସମିତି ପରିଚାଳନା କମିଟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପ୍ରଥମ କରି ୫ଟି ଯାକ ମଣ୍ଡିରେ ୫୦ଜଣ ଚାଷୀ ପ୍ରଥମ ଦିନ ୧୬୩୨ କ୍ୱିଣ୍ଟାଲ ଧାନ ବିକ୍ରୟ କରିଥିଲେ। ସେଥିମଧ୍ୟରୁ ଭୁଷଳ ସେବା ସମବାୟ ସମିତି ସମ୍ପାଦକ ସୁଶାନ୍ତ କୁମାର ନାୟକ ଓ ସଭାପତି ସହଦେବ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ୪୨୨ ଜଣ ଚାଷୀ ୧୮ ହଜାର ଧାନ ମଣ୍ଡିରେ ଦେବାକୁ ଥିବା ବେଳେ ପ୍ରଥମ ଦିନ ୨୧ ଜଣ ଚାଷୀ ୪୨୦ କ୍ୱିଣ୍ଟାଲ ୨୮ କେଜି ଧାନ ବିକ୍ରୟ କରିଥିଲେ। ସମବାୟ ସମିତି ସମ୍ପାଦକ ଶୁଭ୍ରାଂଶୁ ରଞ୍ଜନ ସ୍ୱାଇଁ ଓ ସଭାପତି ମଳୟ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ୫୬୦ ଜଣ ଚାଷୀ ୧୮ ହଜାର କ୍ୱିଣ୍ଟାଲ ଧାନ ଦେବାକୁ ଥିବା ବେଳେ ପ୍ରଥମ ଦିନ ୧୮ ଜଣ ଚାଷୀ ୪୫୨ କ୍ୱିଣ୍ଟାଲ ୫୭ କେଜି ଧାନ ଦେଇଥିଲେ। ବାରୁଆ ସେବା ସମବାୟ ସମିତି ସମ୍ପାଦକ ସୁଶାନ୍ତ କୁମାର ପରିଡ଼ା ଓ ସଭାପତି ସ୍ନେହଲତା ଦାସଙ୍କ ତତ୍ତ୍ୱାବଧାନରେ ୭୪୭ ଜଣ ଚାଷୀ ୩୦ ହଜାର କିଣ୍ଟାଲ ଧାନ ବିକ୍ରୟ କରିବାକୁ ଥିବା ବେଳେ ପ୍ରଥମ ଦିନ ମଣ୍ଡିରେ ୪ ଜଣ ଚାଷୀ ୨୧୦ କିଣ୍ଟାଲ ଧାନ ଦେଇଥିଲେ। ଗଡ଼ନୃସିଂହପ୍ରସାଦ ସେବା ସମବାୟ ସମିତି ସମ୍ପାଦକ ଆବାସ ମହାପାତ୍ର ଓ ସଭାପତି ପ୍ରତାପ ଚନ୍ଦ୍ର କଅଁରଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ୫୧୪ ଜଣ ଚାଷୀ ୨୫ ହଜାର କ୍ୱିଣ୍ଟାଲ ଧାନ ବିକ୍ରୟ କରିବାକୁ ଥିବାବେଳେ ପ୍ରଥମ ଦିନ ୯ ଜଣ ଚାଷୀ ୪୩୭ କ୍ୱିଣ୍ଟାଲ ୮୬ କେଜି ଧାନ ଦେଇଥିଲେ। ସେହିପରି ସୁରପ୍ରତାପପୁର ସେବା ସମବାୟ ସମିତି ସମ୍ପାଦକ ସ୍ମୃତି ପ୍ରକାଶ ସ୍ୱାଇଁ ଓ ସଭାପତି ପୁଷ୍ପଲତା ରାଉତଙ୍କ ତତ୍ତ୍ୱାବଧାନରେ ୪୯୫ ଜଣ ଚାଷୀ ୧୫ ହଜାର କ୍ୱିଣ୍ଟାଲ ଧାନ ବିକ୍ରୟ କରିବାକୁ ଥିବାବେଳେ ପ୍ରଥମ ଦିନ ୮ ଜଣ ଚାଷୀ ୨୧୧ କ୍ୱିଣ୍ଟାଲ ୫୩ କେଜି ଧାନ ବିକ୍ରୟ କରିଥିଲେ।ୟ କଟନିଛଟନି ପାଇଁ ଅନେକ ସ୍ଥାନରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ସମସ୍ତ ସେବା ସମବାୟ ସମିତିର ପରିଚାଳନା କମିଟି ପକ୍ଷରୁ ଚାଷୀମାନଙ୍କୁ ବୁଝାସୁଝା କରି ମିଳର ସହିତ ଆଲୋଚନା କରି ଧାନ କ୍ରୟ କରିଥିଲେ ।

